## କାର୍ ସହ ଗଞ୍ଜେଇ ଜବତ

ବଇଣ୍ଡା,(ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପୋଲିସ ପାଇକସାହିର ଦଳିତ ସାହି ନିକଟରୁ ମଙ୍ଗଳବାର ଏକ କାର୍ ଜବତ କରିଛି। ଉକ୍ତ କାର୍‌ରୁ ୧୦ କେଜି ଗଞ୍ଜେଇ ଜବତ ହୋଇଛି। ଏ ନେଇ ନଂ. ୨୯୩/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ଉକ୍ତ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବେଳେ ଦଳିତ ସାହିଠାରେ ଉକ୍ତ କାରକୁ ଛାଡି ପଳାଇଥିଲେ। ଖବରପାଇ ପୋଲିସ ପହଞ୍ଚି କାର ଜବତ କରି ତଦନ୍ତ ଚଳାଇଛି।

## ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ

ପରଜଙ୍ଗ, ୨୦।୧୨ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କଙ୍କଡାଶୋଡା, ବସୋଇ, ରୋଡ ଏବଂ ସରାଙ୍ଗ ପଞ୍ଚାୟତଠାରେ ବୁଧବାର ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ତହସିଲଦାର ପତିତପାବନ ଦେବତା, ଅତିରିକ୍ତ ତହସିଦାର ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଆଇ ଆଶିଷ ଦେହୁରୀ, ରୋଡ ସରପଞ୍ଚ ବିଶ୍ୱଜିତ୍ ନାୟକ ଓ ସମିତସଭ୍ୟ ନିର୍ମଳ ବାରିକଙ୍କ ସମେତ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।


ଉଦଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

ଅନୁଗୋଳ, ୨୦।୧୨ (ଅମିତ କୁମାର ସାମଲ)

ବିଭିନ୍ନ ଦାବି ନେଇ ଅନୁଗୋଳ ଜିଲା ଏଆଇୟୁଟିୟୁସି କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି ବିକ୍ଷୋଭରେ ରାଜ୍ୟ ଉପସଭାପତି ଭିକାରୀ ଚରଣ ପ୍ରଧାନ, ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ବରେଣ୍ୟେନ୍ଦୁ ମହାନ୍ତିଙ୍କୁ ପ୍ରଦାନ କରିଥିଲେ।

# ପାଠପଢ଼ି ଭଲ ମଣିଷ ହୁଅ


ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନଙ୍କ ସହ ଅନ୍ୟମାନେ।

**ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ**

ଢେଙ୍କାନାଳ, ୨୦।୧୨ (ରତନ ନାୟାର)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୪୦ତମ ଜିଲାସ୍ତରୀୟ ଶିଶୁ ଉତ୍ସବ ଢେଙ୍କାନାଳ ସହରସ୍ଥିତ ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଶିଶୁ ଉତ୍ସବକୁ ଉଦ୍‌ଘାଟନ କରିବା ଭଲ ପାଠପଢା ସହିତ କ୍ରୀଡ଼ା, ସଙ୍ଗୀତ, ନୃତ୍ୟ, ସୃଜନଶୀଳ କଳା ଏବଂ ଚାରିତ୍ରିକ ବିକାଶ ଆଦି ଗୁଣରେ ନିଜକୁ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ ସାମଗ୍ରିକ ଡିଜିଟିଲା ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଷ୍ଟା ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିଭୂତି ସାମଲ ଉପସ୍ଥିତ ଥିଲେ। ମୋଟ ୧୬୦ ପ୍ରତିଯୋଗୀ ଭାଗ ନେଇଥିଲେ। ୩୦ ଜଣ ବିଚାରକ ମଣ୍ଡଳୀ ରହିଥିଲେ। ଅପରାହ୍ନରେ ଉଦ୍‌ଯାପନ ଉତ୍ସବରେ ଓଷ୍ଟା ଜିଲାର ପୂର୍ବତନ ସଭାପତି ଶଶାଙ୍କ ଶେଖର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଓଷ୍ଟା ସଂଘ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ପୂର୍ବତନ ସମ୍ପାଦକ ଦୁର୍ଗାଚରଣ ମହାପାତ୍ର, ଉପଦେଷ୍ଟା ସରୋଜକାନ୍ତ ଦାସ ଓ ପ୍ରଶାନ୍ତ କୁମାର ଧଳ, ସୁବାସଚନ୍ଦ୍ର ଦାସ, ଲିଙ୍ଗରାଜ ବେହେରା, ଗଜେନ୍ଦ୍ର ନାୟକ, ସୁବାସଚନ୍ଦ୍ର ସାହୁ, ଗୀତାଞ୍ଜଳି ବରାଳ, ତୃପ୍ତିମୟୀ ସାହୁ, ଅଶ୍ୱନୀ ପଣ୍ଡା, ଜ୍ୟୋତିର୍ମୟୀ ପଟ୍ଟନାୟକ, ସୁରେଶଚନ୍ଦ୍ର ବିଶ୍ୱାଳ, ସସ୍ମିତା ବେଉରା, ପ୍ରେମାନନ୍ଦ ଜେନା, ସନ୍ତୋଷ କୁମାର ସାହୁ, ଗୌରଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିଲତା ପାଣିଗ୍ରାହୀ ସହଯୋଗ କରିଥିଲେ। ଓଡାପଡା ସମ୍ପାଦକ ଶଶିକାନ୍ତ ଦାସ ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ରାଜ୍ୟସ୍ତରୀୟ ମେଳାରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା।

## ଜିଲା ସଂସ୍କୃତି ଅଧିକାରୀଙ୍କ ପରଲୋକ

ଢେଙ୍କାନାଳ, ୨୦।୧୨ (ରତନ ନାୟାର)


ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ।

ଢେଙ୍କାନାଳ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୫୭ବର୍ଷ ହୋଇଥିଲା। ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ଖବରପାଇ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଉପଜିଲାପାଳ ସପନ କୁମାର ନନ୍ଦ, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ ଶତପଥୀ, ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର, ସଂସ୍କୃତି ବିଭାଗ କର୍ମଚାରୀ ଏବଂ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା ଚିକିତ୍ସାଳୟରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଜିଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ କର୍ମଚାରୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ମରଶରୀରକୁ ଏକ ଗାଡିରେ କଟକ ଜିଲା ସଂସ୍କୃତି କାର୍ଯ୍ୟାଳୟ ଓ ପରେ ରାଜ୍ୟ ସଂସ୍କୃତି ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମଧ୍ୟ ଅଧିକାରୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ମରଶରୀରକୁ ପୁରୀ ନିଆଯାଇ ସେଠାରେ ପରିବାର ଲୋକଙ୍କ ଉପସ୍ଥିତିରେ ଅନ୍ତିମ ସଂସ୍କାର କରାଯାଇଥିଲା। ସୂଚନାଯୋଗ୍ୟ, କିଛିଦିନ ତଳେ ତାଙ୍କର ଏକମାତ୍ର ପୁତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେ ଅଧିକାଂଶ ସମୟରେ ଚିନ୍ତାଗ୍ରସ୍ତ ରହୁଥିଲେ। ତାଙ୍କ ପରଲୋକରେ ଢେଙ୍କାନାଳ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଶୋକ ପ୍ରକଟ କରାଯାଇଛି।

# ନନ୍ଦିଘୋଷ ରଥ ଚକକୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନ, ୨୦।୧୨ (ବିପିନ ବିହାରୀ ସେଠୀ)


ନନ୍ଦିଘୋଷ ରଥର ଚକକୁ ଭୁବନବାସୀ ସ୍ୱାଗତ କରୁଛନ୍ତି।

ଢେଙ୍କାନାଳ ଜିଲା ଭୁବନବାସୀଙ୍କ ପକ୍ଷରୁ ବୁଧବାର ପୁରୀ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକକୁ ସ୍ୱାଗତ କରାଯାଇଛି। ରଥଚକ ପୁରୀରୁ ବାହାରି ଭୁବନ ଅଭିମୁଖେ ଆସିବା ରାସ୍ତାରେ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିଲା। ଭୁବନ ମା' କାଲୁଣୀ ପୀଠଠାରେ ଚକକୁ ସ୍ୱାଗତ ପରେ ସହର ପରିକ୍ରମା କରାଯାଇଥିଲା। ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟାରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପରେ ଭୁବନ ତୃତୀୟାଦେବ ଜୀଉ ମନ୍ଦିରଠାରେ ପୂଜାର୍ଚ୍ଚନା କରି ବୁଦ୍ଧେଶ୍ୱର ଶୈବପୀଠକୁ ନିଆଯାଇଥିଲା। ରଥଚକ ଦର୍ଶନ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଓ ଶ୍ରୀ ଗଣେଶ ମହୋତ୍ସବ କମିଟି ମିଳିତ ସହଯୋଗରେ ଭୁବନରେ ପହଞ୍ଚିଥିବା ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥଚକ ଅଣାଯାଇଥିଲା। ଭୁବନ ଓ ଆଖପାଖ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁ ଯୋଗଦେଇ ଦର୍ଶନ କରିବା ସହିତ ପ୍ରସାଦସେବନ କରିଥିଲେ।

## ଉଠା ଦୋକାନ ନିମନ୍ତେ ଦରଖାସ୍ତ ଆହ୍ୱାନ

ତାଳଚେର, ୨୦।୧୨ (ମନୋଜ ନନ୍ଦ)

ତାଳଚେର ମହୋତ୍ସବ ଅବସରରେ ଅସ୍ଥାୟୀ ଉଠା ଦୋକାନ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣ ଓ ଧାର୍ଯ୍ୟ ଦେୟ ଦାଖଲ ସମୟର ପ୍ରାଥମିକତାକୁ ବିଚାରକୁ ନେଇ ଉଠା ଦୋକାନ ଆବଣ୍ଟନ ଚୂଡାନ୍ତ କରାଯିବ। ଏଥିମଧ୍ୟରୁ ୧୫ ଗୋଟି ଷ୍ଟଲ ଖାଦ୍ୟପେୟ ନିମନ୍ତେ ସଂରକ୍ଷିତ ରଖାଯିବ। ଏହି ସମସ୍ତ ଷ୍ଟଲ ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତି, ବ୍ୟବସାୟିକ ଅନୁଷ୍ଠାନ ୨୧ ତାରିଖ ଅପରାହ୍ନ ୧ଟା ୩୦ ମଧ୍ୟରେ ଉପଜିଲାପାଳଙ୍କ ସେକ୍ସନ ଅଫିସର ନଗେନ ଶତପଥୀଙ୍କ (ମୋବାଇଲ ନମ୍ବର ୯୪୩୭୪୯୯୬୬୮) ନିକଟରେ ଦରଖାସ୍ତ ସମେତ ପ୍ରଶାସନ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ପୈଠ କରି ୩ଦିନ ପାଇଁ ବ୍ୟବସାୟ କରିବାର ସୁଯୋଗ ହାସଲ କରିବାକୁ ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି।

# ମୁହଁ ଖୋଲିବାକୁ ଅନିଚ୍ଛୁକ କର୍ତ୍ତୃପକ୍ଷ

ଅନୁଗୋଳ, ୨୦।୧୨ (ଅମିତ କୁମାର ସାମଲ)

**ବିଜୁଳି କଟିଲେ ସିଟିସ୍କାନ୍ ଠପ୍ ଘଟଣା**

- ୨ ପରିଚାଳକ, ସିଟିସ୍କାନ୍ ପରିଚାଳକଙ୍କୁ ହେବ ପଚରା ଉଚରା




ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସିଟି ସ୍କାନ୍ ବିଦ୍ୟୁତ୍ ଗଲେ ଅଚଳ ହୋଇଯାଉଛି। ଜେନେରେଟର୍ ଥିଲେ ବି ବ୍ୟାଟେରି ଚୋରି ହୋଇଯାଇଥିବାରୁ ତାହା କାମରେ ଆସୁନାହିଁ। ଫଳରେ ସିଟିସ୍କାନ ପାଇଁ ଆସୁଥିବା ରୋଗୀ ଏଠାରୁ ନିରାଶ ହୋଇ ଫେରିବା ସହ ଘରୋଇ ମେଡିକାଲକୁ ଯାଇ ଅଯଥା ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ଏ ନେଇ ବୁଧବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ତନାଘନା ଆରମ୍ଭ ହୋଇଛି। କିନ୍ତୁ ଜେନେରେଟରରୁ ବ୍ୟାଟେରି ଚୋରି ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ କେହି ଅବଗତ କରି ନ ଥିବା ଓ ଥାନାରେ ଅଭିଯୋଗ ହୋଇ ନ ଥିବାରୁ ମେଡିକାଲ କର୍ତ୍ତୃପକ୍ଷଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଅନୁଗୋଳ ମେଡିକାଲ ପରିଚାଳନା ପାଇଁ ୨ ଜଣ ପରିଚାଳକ ରହିଛନ୍ତି। କିନ୍ତୁ ପରିଚାଳକ ସୋମ୍ୟାଶ୍ରୀ ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କିଛି କହିବାକୁ ବାରଣ କରିଥିଲେ। ଏଭଳି କି କେବେ ଠାରୁ ଏଭଳି ଅବ୍ୟବସ୍ଥା ଚାଲିଛି, ସେ ନେଇ ମୁହଁ ଖୋଲିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଏ ନେଇ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ ନାହାନ୍ତି। ଏଡିଏମ୍‌ଓ(ମେଡିକାଲ) ଡାକ୍ତର ଗୌରୀ ଶଙ୍କର ବଳ କହିଛନ୍ତି, ଏ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। କାହିଁକି ୨ ପରିଚାଳକ ଓ ସିଟି ସ୍କାନ୍ ପରିଚାଳକ ତାଙ୍କୁ ଅବଗତ କରିନାହାନ୍ତି ସେ ନେଇ ପଚରା ଉଚରା କରାଯିବ। ଅନ୍ୟପକ୍ଷରେ ଉକ୍ତଦିନ ସିଟିସ୍କାନ୍ କରିବାକୁ ଆସିଥିବା ରୋଗୀଙ୍କ ମଧ୍ୟରୁ ଜଣଙ୍କୁ ଘରୋଇ ମେଡିକାଲରେ ସିଟିସ୍କାନ୍ କରିବାକୁ ଅର୍ଥ ପ୍ରଦାନ କରାଯାଇଛି। କିନ୍ତୁ ଅନ୍ୟମାନେ ସିଟିସ୍କାନ୍ କରିଥିଲେ ମଧ୍ୟ ତାଙ୍କୁ କୌଣସି ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି କହିଛନ୍ତିଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବାକୁ ଭୁବନେଶ୍ୱର ଯାଇଛନ୍ତି। ଫେରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କାମାକ୍ଷାନଗର, ୨୦।୧୨ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମଠାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସଡିପିଓ ପ୍ରଭାତ ରଞ୍ଜନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଶିକ୍ଷାଧିକାରୀ ସରୋଜ ସାହୁ, ରାଜ୍ୟ ଭଲିବଲ୍ ସଂଘର ଯୁଗ୍ମ ସମ୍ପାଦକ ଆଦିତ୍ୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସପ୍ତାହ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବ୍ଲକର ବିଭିନ୍ନ ଅଞ୍ଚଳରୁ ଅନେକ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରିକେଟ, ଫୁଟବଲ, ହକି, ଭଲିବଲ, ବ୍ୟାଡମିଣ୍ଟନ, କବାଡି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବ୍ଲକର ୨୨ଟିପଞ୍ଚାୟତର ବିଭିନ୍ନ ଦଳ ଅଂଶଗ୍ରହଣ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଖଣିମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

# ନୂଆ–ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଛେଣ୍ଡିପଦା, ୨୦।୧୨ (ଅଜିତ ଧଳ)


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

ଛେଣ୍ଡିପଦା ବ୍ଲକ ସ୍ଥିତ କୋଶଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ନୂଆ–ଓ, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟାଳୟର ସହାୟକ ପ୍ରତାପ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଡଲି ବେହେରା ଅତିଥି ପରିଚୟ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମର ନୋଡାଲ ଅଫିସର ନିରଞ୍ଜନ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ଅଧ୍ୟାପିକା କିରଣବାଳା ନାଏକ, ମାଳତୀ ସୋରେନ, ଅଧ୍ୟାପକ ପିନାକ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଅଧ୍ୟାପିକା ଲକ୍ଷ୍ମିପ୍ରୀୟା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଷୀରମୋହନ ସାହୁ, ଅଭୟ ପ୍ରଧାନ, ଅରୁଣ ନାଥ, ଦୁର୍ଯ୍ୟୋଧନ ବେହେରା, ସୁମନ ନାଏକ ଓ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଚିତ୍ରାଙ୍କନ ପାଇଁ ଓଡ଼ିଶା ବିଶ୍ୱରେ ପରିଚିତ

ବଇଣ୍ଡା, ୨୦।୧୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲ ପରିସରରେ ଡମ୍ପସ କମ୍ପାନୀ ପକ୍ଷରୁ ବୁଧବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୧୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୩ଟି ଗ୍ରୁପରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ରଞ୍ଜନ କୁମାର ବିଶ୍ୱାଳ ଯୋଗଦେଇ ଚିତ୍ରାଙ୍କନ କଳା ଯୋଗୁ ଆଜି ଓଡ଼ିଶା ଦେଶ ବିଦେଶରେ ପରିଚିତ ବୋଲି ମତପ୍ରକାଶ କରିଥିଲେ। ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଖବରଦାତା ପରିକ୍ଷିତ ସାହୁ, ଡମ୍ପସ କମ୍ପାନୀର ଏଏସ୍‌ଏମ୍ ମାନସ ରଞ୍ଜନ ପଟ୍ଟନାୟକ, କର୍ମଚାରୀ ଶାନ୍ତନୁ ଶତପଥୀ, ଅଲେଖ ସାହୁ, ବିଦ୍ୟାଳୟ ପରିଚାଳକ ନବୀନ ନାୟକ, ହିମାଂଶୁ ସାହୁ, ବିପିନ ବେହେରା, ଅଜିତ ବିଶ୍ୱାଳ, ସୁଶାନ୍ତ ଦେଓ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଦୀପ୍ତିମୟୀ ମିଶ୍ର, ରତ୍ନମୟୀ ସାହୁ, ମମତା ବୋଷ, ସୋମା କୋରେସୀ ପରିଚାଳନା କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ୨୪ ଘଣ୍ଟିଆ ଧର୍ମଘଟ ସଫଳ

ଅନୁଗୋଳ, ୨୦।୧୨ (ଅମିତ କୁମାର ସାମଲ)

ସେଲ୍ସ ପ୍ରମୋଶନ୍ ଏମ୍ପ୍ଲୟିଜ୍ ଆକ୍ଟକୁ ଉଚ୍ଛେଦ କରିବା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିବା ସହ ୮ ଦଫା ଦାବି ନେଇ ମେଡିକାଲ୍ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ୍‌ମାନଙ୍କ ସର୍ବ ଭାରତୀୟ ସଙ୍ଗଠନ ଫେଡେରେଶନ୍ ଅଫ୍ ମେଡିକାଲ୍ ଆଣ୍ଡ୍ ସେଲ୍ସ ରିପ୍ରେଜେଣ୍ଟେଟିଭ୍ ଆସୋସିଏଶନ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଗୁରୁବାର ୨୪ ଘଣ୍ଟିଆ ଧର୍ମଘଟ କରାଯାଇଥିଲା। ଏପରି କି ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ୍ (ଓସ୍ରୁ)ର ରାଜ୍ୟ କମିଟି ଆହ୍ୱାନକ୍ରମେ ଅନୁଗୋଳ ଜିଲାରେ ଧର୍ମଘଟ ସମ୍ପୂର୍ଣ୍ଣ ସଫଳ ହୋଇଛି ବୋଲି ହେମସୁରପଡ଼ାରେ ଠାରେ ସିଟୁ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଜିଲା ସଭାପତି ପ୍ରହଲ୍ଲାଦ ରଥ, ସମ୍ପାଦକ ସାଗର ସଙ୍ଗମ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ନନ୍ଦ, କୋଷାଧକ୍ଷ ନିର୍ମଳ କୁମାର ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି।




## ସେବା ଓ କଲ୍ୟାଣ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ: ଧର୍ମେନ୍ଦ୍ର

ଅନୁଗୋଳ, ୨୦।୧୨ (ଅମିତ କୁମାର ସାମଲ)

ଅନୁଗୋଳର ପୂର୍ବତନ ବିଧାୟକ ସନ୍ତୋଷ କୁମାର ପ୍ରଧାନଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଶୋକବାର୍ତ୍ତାରେ ଧର୍ମେନ୍ଦ୍ର କହିଛନ୍ତି, ସନ୍ତୋଷ କୁମାରଙ୍କ ମୃତ୍ୟୁ ଅନୁଗୋଳ କୃଷକ ସମାଜ ପାଇଁ ଅପୂରଣୀୟ କ୍ଷତି। ଲୋକଙ୍କ ସେବା ଓ କଲ୍ୟାଣ ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ସେହିପରି ଅନୁଗୋଳ ଜିଲା ଭାଜପା ପକ୍ଷରୁ ମଧ୍ୟ ଗଭୀର ଶୋକ ପ୍ରକାଶ କରାଯାଇଛି। ସନ୍ତୋଷ କୁମାରଙ୍କ କାର୍ଯ୍ୟକୁ ଅନୁଗୋଳ ବାସୀ ସବୁଦିନେ ମନେ ରଖିବେ ବୋଲି ଭାଜପା ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲ, ସଞ୍ଜୀବ ସାହୁ, ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ପ୍ରତିମା ମିଶ୍ର, ପର୍ଶୁରାମ ବାରିକ ପ୍ରମୁଖ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି।

# ପୂର୍ବତନ ବିଧାୟକ ସନ୍ତୋଷ କୁମାରଙ୍କ ପରଲୋକ

ଅନୁଗୋଳ, ୨୦।୧୨ (ଅମିତ କୁମାର ସାମଲ)



ଅନୁଗୋଳ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସନ୍ତୋଷ କୁମାର ପ୍ରଧାନଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ୧୯୮୦ ମସିହାରେ ସେ ଜାତୀୟ କଂଗ୍ରେସ ଦଳରୁ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ଦୀର୍ଘଦିନ ଧରି ଫୁସ୍‌ଫୁସ ସଂକ୍ରମଣରେ ପୀଡ଼ିତ ଥିଲେ। ୧୯୪୫ ଜାନୁୟାରୀ ୧୫ରେ ଅନୁଗୋଳ ଜିଲାର ତୁବେଠାରେ ଜନ୍ମିତ ସନ୍ତୋଷ କୁମାର ୧୯୬୭ରେ ସରପଞ୍ଚ ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୭୫ରେ ସେ ବଣ୍ଟଁରପାଳ ବ୍ଲକର ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଅନୁଗୋଳ ସମବାୟ ବ୍ୟାଙ୍କର ସଭାପତି ମଧ୍ୟ ହୋଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସେଫାଳି ପ୍ରଧାନ, ବଡ଼ ପୁଅ ସରୋଜ ପ୍ରଧାନ, ମଝିଆ ପୁଅ ସଞ୍ଜୀବ ପ୍ରଧାନ, ସୁଶୀଲ ପ୍ରଧାନ, ସୁନୀଲ ପ୍ରଧାନ, ବୋହୂ, ନାତୁଣୀ ନାତିମାନେ ଉପସ୍ଥିତ ଥିଲେ। ଏହି ଖବର ଜଣାପଡ଼ିବା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ଅନୁଗୋଳ ନିର୍ବାଚନମଣ୍ଡଳୀରେ କୃଷି ନିମନ୍ତେ ଜଳସେଚନ ବ୍ୟବସ୍ଥାରେ ପ୍ରଭୂତ ଉନ୍ନତି ତଥା ଗମନାଗମନକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ମୋରମ ରାସ୍ତା ନିର୍ମାଣ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ବହୁ ଶିକ୍ଷାନୁଷ୍ଠାନ ସ୍ଥାପନ ଏବଂ ପରିଚାଳନା କ୍ଷେତ୍ରରେ ନିଜେ ସକ୍ରିୟ ଭାବେ ସାମିଲ ଥିଲେ। ତାଙ୍କ ବିୟୋଗ ଖବରପାଇ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, କଂଗ୍ରେସ ନେତା ବିପ୍ଲବ ଜେନା, ଜୟନ୍ତ ସାହୁ, ପ୍ରବୋଧ ସ୍ୱାଇଁ, ଭାଜପା ନେତା ପ୍ରତାପ ପ୍ରଧାନ, ଦିଲୀପ ପ୍ରଧାନ, ଅଗସ୍ତି ବେହେରା, ସୁକାନ୍ତି ଦାସ, ଧର୍ମେନ୍ଦ୍ର ନାଥ ମିଶ୍ର, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଅନୁଗୋଳ ଶିମିଳିପଡାସ୍ଥିତ ତାଙ୍କ ବାସଗୃହ ଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ କଂଗ୍ରେସ ପକ୍ଷରୁ ମରଶରୀରକୁ ଶୋଭାଯାତ୍ରାରେ ଅନୁଗୋଳ ସହର ପରିକ୍ରମା କରାଯିବା ପରେ କଂଗ୍ରେସ ଭବନ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଅଭିଷେକ ନାୟକ, ପିସିସି ସଭ୍ୟ ଅମ୍ବିକା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୈତୃକ ଗାଁ ତୁବେ ଠାରେ ପରିବାରର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

**୬ ଟନ୍ ଚୋରା କୋଇଲା ଜବତ**

ଛେଣ୍ଡିପଦା,(ଅଜିତ ଧଳ): ଛେଣ୍ଡିପଦା ଥାନା ପୋଲିସ ବାହାଲସାହି ପଞ୍ଚାୟତ ଶାଳଖମଣ ଓ ନୁହୁରାକୋଟ ଗ୍ରାମ ସୀମାନ୍ତରେ ହୋଇଥିବା ବେଆଇନ କୋଇଲା ଡିପୋରେ ଚଢ଼ାଉ କରି ୬ ଟନରୁ ଉର୍ଦ୍ଧ୍ୱ ଚୋରା କୋଇଲାକୁ ଜବତ କରିଛି। ପୋଲିସକୁ ଦେଖି କୋଇଲା ମାଫିଆମାନେ ଫେରାର ହୋଇଯାଇଥିଲେ। ଚଢ଼ାଉରେ ଛେଣ୍ଡିପଦା ଥାନା ଏସଆଇ ରାଜେଶ ଶତପଥୀ, ପୋଲିସ କର୍ମଚାରୀ ସାମିଲ ଥିଲେ। ଏ ନେଇ ନଂ. ୫୬୨/୨୩ରେ ମାମଲା ରୁଜୁ ହୋଇଛି।

# ପ୍ରଧାନ ଶିକ୍ଷକଙ୍କ ତୃତୀୟ ମାସିକ ସମ୍ମିଳନୀ

**ଢେଙ୍କାନାଳ,୨୦।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ଶଙ୍କରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକମାନଙ୍କ ତୃତୀୟ ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ୩୩ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟବ୍ରତ ନାଥ ଓ ଶତ୍ରୁଘ୍ନ ଖଣ୍ଡା, କ୍ଲଷ୍ଟର ସଂଯୋଜିକା ରମା ବେହେରା ସମ୍ମିଳନୀରେ ଉପସ୍ଥିତ ଥିଲେ। ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ବିଷୟ ଆଲୋଚନା କରାଯାଇଥିଲା। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲକ୍ଷ୍ମୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସପ୍ତଶଯ୍ୟା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନସିମଆରା ବେଗମ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।



ଉଚ୍ଚ ବିଦ୍ୟାଳୟସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

**ଢେଙ୍କାନାଳ,୨୦।୧୨(ରତନ ନାୟାର)**

ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ଆଦି ସ୍ଲୋଗାନ ଦେଇ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ ନିକଟରେ ଶେଷ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଟ୍ରାଫିକ ଏସ୍‌ଆଇ ମାଧବ ନାୟକ, ଅମରେନ୍ଦ୍ର ଦାସ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ସାହୁଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ସମୀର କୁମାର ମଲ୍ଲିକ, ଅଧ୍ୟାପିକା ନିରୁପମା ନାୟକ, ଅଧ୍ୟାପିକା ସ୍ୱର୍ଣ୍ଣଲତା ମହାଳିକ, ଅନିମା ସାହୁ, ସ୍ୱାତୀ ସୁଚରିତା ସ୍ୱାଇଁ, ଡ. ସସ୍ମିତା ଦାସ, ସବୁଜଲତା ସାହୁ, କୁମୁଦିନୀ ମହନ୍ତ, ରୋଜାଲିନ ପରିଡା, ସିପ୍ରା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଡ. ନିହାର ରଞ୍ଜନ ନନ୍ଦ ଧନ୍ୟବାଦ ଦେଇଥିଲେ।

# କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ,୨୦।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ବଲଦିଆବନ୍ଧ ପଞ୍ଚାୟତର ଗୌରାଙ୍ଗଚରଣ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ରଶ୍ମି ରଞ୍ଜନ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ନିରୁପମା ହାତୀ, ଶିକ୍ଷାବିତ୍ ସନ୍ତୋଷ କୁମାର ଜେନା ଓ ଜୟକୃଷ୍ଣ ଜେନା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଳିକା ବିଭାଗରେ ବର୍ଣ୍ଣାଳି ବେହେରା ଓ ବାଳକ ବିଭାଗରେ ରିଙ୍କୁ ତିରିଆ ଚାମ୍ପିୟନ ହୋଇଥିଲେ। ଶିକ୍ଷାବିତ୍ ଅନନ୍ତ କୁମାର ଦାସ, ବିନୋଦ କୁମାର ରାଉତ ଓ ମୋ ସ୍କୁଲ ପରିଚଳନା ପରିଷଦ ସଭାପତି ଅଜିତା ନନ୍ଦ ବିହାରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଟୁଟୁ ମିଶ୍ର, ଶିକ୍ଷୟିତ୍ରୀ ସୁରଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟିକା ମୀନ ମଞ୍ଚସ୍ଥ ହୋଇଥିଲା। ସମ୍ବଲପୁରୀ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା। ରାକେଶ ପ୍ରଧାନ, ଗୌତମ ପ୍ରଧାନ, ଚିତ୍ତରଞ୍ଜନ ମହାନ୍ତି ଓ ବୈଷ୍ଣବ ଚରଣ ବଡୁ ସହଯୋଗ କରିଥିଲେ।


ଗୌରାଙ୍ଗଚରଣ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ।

# ମହିଳା ରକ୍ତଦାନ ଶିବିରରେ ୫୮ ୟୁନିଟ୍ ସଂଗ୍ରହ



ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଢେଙ୍କାନାଳ,୨୦।୧୨(ରତନ ନାୟାର)**

ଢେଙ୍କାନାଳ ବଜରଙ୍ଗ କ୍ଲବ୍ ତରଫରୁ ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିର ଦେଉଳସାହିସ୍ଥିତ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ମଧ୍ୟରେ ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରିବା ଏହି ଶିବିରର ଉଦ୍ଦେଶ୍ୟ ଥିଲା। ମୁଖ୍ୟ ଅତିଥି ଭାବେ କ୍ରାଇମ୍ ଡିଏସ୍‌ପି ହରପ୍ରିୟା ନାଏକ ଯୋଗଦେଇ ଶିବରକୁ ଉଦ୍‌ଘାଟନ କରିବା ସହ ନିଜେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନ୍ୟ ମହିଳାମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଓ ସାମାଜିକ କର୍ମୀ ଦୀପ୍ତିମୟୀ ଲେଙ୍କା ଯୋଗ ଦେଇଥିଲେ। ଶିବିରରେ ମୋଟ୍ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଭଣ୍ଡାର ଅଧିକାରୀ ଡା. ସ୍ୱରୂପ ରଞ୍ଜନ ସାହୁ, ଟେକ୍‌ନିସିଆନ୍ ରାକେଶ କୁମାର ବେହେରା, ଷ୍ଟାଫ୍ ନର୍ସ ନଳିନୀପ୍ରଭା ରାଉତ, ଆଟେଣ୍ଡାଣ୍ଟ ବରୁଣ ସାହୁ, ଅଜୟ ସ୍ୱାଇଁ ଓ ପୁରୁଷୋତ୍ତମ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ବଜରଙ୍ଗ କ୍ଲବ ସଭାପତି ମାନସ ରାଉତ, କାର୍ଯ୍ୟକାରୀ ସଭାପତି ସୁବ୍ରତ ଦାସ, ଉପସଭାପତି ପ୍ରିୟରଞ୍ଜନ ଛୋଟରାୟ ଓ ପ୍ରିୟବ୍ରତ ସାସମଲ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସମ୍ପାଦକ ଦେବାଶିଷ ଦାଶ, ଯୁଗ୍ମ ସମ୍ପାଦକ ଦୀପକ ବେହେରା, ବିକ୍ରମ କେଶରୀ ମହାପାତ୍ର, ସହ ସମ୍ପାଦକ ରୋଜେଶ ପରିଡା ଓ ଦେବାଶିଷ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଶଶି ଭୂଷଣ ପରିଡା, ସଞ୍ଜୀବ ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ, ରାଜେଶ ବେହେରା, ପି. ଆଞ୍ଜେନେୟ ସମେତ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ଛାତ୍ରୀଛାତ୍ର


କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**କାମାକ୍ଷାନଗର,୨୦।୧୨(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମହୁଲପାଳସ୍ଥିତ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ସଫଳତା ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ପାୟଲ ସାହୁ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଓ ଦଶମ ଶ୍ରେଣୀର ଛାତ୍ର ପ୍ରୀତିରଞ୍ଜନ ଦାଶ ସଙ୍ଗୀତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ନବମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ଧୀର ଓ ବିଦ୍ୟୁସ୍ମିତା ପରିଡା ତର୍କ ଓ ଏକକ ଅଭିନୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତାରାଣୀ ନାୟକ, ଓଷ୍ଟାର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ, ଓଷ୍ଟା ବ୍ଲକ ସମ୍ପାଦକ ଗଜେନ୍ଦ୍ର ନାୟକ, ବ୍ଲକ ନୋଡାଲ ଅଫିସର ସୁରେନ୍ଦ୍ର ବେହେରା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ର କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୪ର୍ଥ ବାର୍ଷିକ କ୍ରୀଡ଼ା ମହୋତ୍ସବ

**କାମାକ୍ଷାନଗର,୨୦।୧୨(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କନ୍ଦରା ଗ୍ରାମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶବନ୍ତ ଦେହୁରୀ, ସମ୍ମାନିତ ଅତିଥି ଭାବେ ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଗୋଷ୍ଠୀ ଶିକ୍ଷାଅଧିକାରୀ ସାଗର ଟୁଡୁ, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କମଳ ମହାନ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନରେନ୍ଦ୍ର କୁମାର ଗୋଚ୍ଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକ ଅନୁପମା ସେଠୀ, ମିତାଲି ପ୍ରଧାନ, ଇପ୍ସିତା ମିଶ୍ର, ଆରତୀ ଆରାଧନା, ବିଷ୍ଣୁ ପ୍ରିୟା, ସୁଶ୍ରୀ ବିଚାର ରାଉତ, ବିପ୍ଳବ ନାୟକ, ଆରତୀ ନାୟକ, ଇତିଶ୍ରୀ ସୁନା, ଜ୍ୟୋତିରଞ୍ଜନ ତ୍ରିପାଠୀ, ମୋନାଲିଶା ସୁରିନ, ଇତିଶ୍ରୀ ପାଣି, ରୁପାଲୀ ରୁଚିସ୍ମିତା କର, ମଧୁସ୍ମିତା ଦାସ, ଶୁଭକାନ୍ତ ପଲେଇ ସହଯୋଗ କରିଥିଲେ।



# ୭୫ ଛାତ୍ରୀଛାତ୍ରଙ୍କ ସଫଳତା ହାସଲ

**ଢେଙ୍କାନାଳ,୨୦।୧୨(ରତନ ନାୟାର)**

ଢେଙ୍କାନାଳ ଟାଏକୋଣ୍ଡୋ ସଂଘ ପକ୍ଷରୁ ସହରସ୍ଥିତ ଗଣେଶ ବଜାର ପଡିଆଠାରେ ବେଲଟ ପ୍ରମୋଶନ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ତନ୍ମଧ୍ୟରୁ ୭୫ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ୬ଜଣ ନୂତନ ବ୍ଲାକ ବେଲ୍‌ଟଧାରୀ ଶୁଭଜିତ ପଣ୍ଡା, କଳ୍ପନା ପ୍ରିୟଦର୍ଶିନୀ, ଆତିଶ କୁମାର ପ୍ରଧାନ, ଆଦ୍ୟାଶା ପ୍ରିୟଦର୍ଶିନୀ ପ୍ରଧାନ, ଅଙ୍କିତ କୁମାର ଦାସ ଓ ଅନୁଭବ ପ୍ରଧାନଙ୍କୁ ସାଉଥ୍ କୋରିଆ ମାନ୍ୟତାପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଓକିଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଶିକ୍ଷକ ହିମାଂଶୁ ଶେଖର ଦାସ, ଅନୁଗୋଳ ଟାଏକୋଣ୍ଡ ସଂଘ ସମ୍ପାଦକ ଯୋଗେନ୍ଦ୍ର ନାୟକ, ଯାଜପୁର ଟାଏକୋଣ୍ଡ ସଂଘ ସମ୍ପାଦକ ଦଶରଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଙ୍ଗଠନ ସାଧାରଣ ସମ୍ପାଦକ ପ୍ରଶିକ୍ଷକ ସୋମନାଥ ସାହୁ, ରାଜେନ୍ଦ୍ର ବେହେରା, ସୌମ୍ୟକାନ୍ତ ବେଉରା ପରିଚାଳନା କରିଥିଲେ। ସଦସ୍ୟ ରାକେଶ ନାୟକ, ଅଙ୍କିତା ଦାସ ଏଥିରେ ସହଯୋଗ କରିଥିବା ବେଳେ ଅନୁଷ୍ଠାନ ସଭାପତି ବରିଷ୍ଠ ପ୍ରଶିକ୍ଷକ ବିକାଶ ରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।


ଟାଏକୋଣ୍ଡୋ ସଂଘ ପକ୍ଷରୁ ବେଲଟ ପ୍ରମୋସନ ପରୀକ୍ଷା।

# ସଚେତନ ହେବାକୁ ପରାମର୍ଶ

**ଢେଙ୍କାନାଳ,୨୦।୧୨(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ କଲେଜ ବାଇପାସ ନିକଟରେ ଥିବା ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର ପୌରୋହିତ୍ୟ କରି ଜାତୀୟ ଶକ୍ତି ସଂରକ୍ଷଣ ଦିବସର ମହତ୍ତ୍ୱ ଉପରେ ମତବ୍ୟକ୍ତ କରି ଶକ୍ତି ସଂରକ୍ଷଣ ପାଇଁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଅଶୋକ କୁମାର ପ୍ରଧାନ, ସୁଶୀଳ କୁମାର ସାହୁ, ଶିକ୍ଷୟିତ୍ରୀ ସରଳା ସାହୁ ପ୍ରମୁଖ ଶକ୍ତି ସଂରକ୍ଷଣ ଉପରେ ବୁଝାଇଥିଲେ। ଶିକ୍ଷୟିତ୍ରୀ କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।


ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଅତିଥିମାନେ।

# ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ

**ଢେଙ୍କାନାଳ,୨୦।୧୨ (ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍କୁଲ୍‌ରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଓଷ୍ଟାର ବରିଷ୍ଠ ଉପଦେଷ୍ଟା ସରୋଜକାନ୍ତ ଦାଶଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ଜିଲା ଓଷ୍ଟା ସମ୍ପାଦକ ବିଭୂତି ସାମଲ ଯୋଗଦାନ କରି ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକଶିତ ପାଇଁ ମତ ରଖିଥିଲେ। ଉପଦେଷ୍ଟା ପ୍ରଶାନ୍ତ କୁମାର ଧଳ, ବ୍ଲକ ସମ୍ପାଦକ ଲିଙ୍ଗରାଜ ବେହେରା ଓ ଅଧ୍ୟକ୍ଷ ଅଜୟ କୁମାର ବଳ ସହଯୋଗ କରିଥିଲେ। ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କୁଇଜ୍, ଏକକ ନୃତ୍ୟ, ଏକକ ଅଭିନୟ, କବିତା, ଗଳ୍ପ ଲିଖନ, ଆବୃତି ଏବଂ କଣ୍ଠ ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ସୁଦର୍ଶନ ମାଟି, ସଂଯୁକ୍ତା ଶରଣ, ପ୍ରେମାନନ୍ଦ ଜେନା, ପ୍ରଭାତ କୁମାର ମିଶ୍ର, ପୀତବାସ ଷଡଙ୍ଗୀ, ଦେବେନ୍ଦ୍ର କୁମର ଦାଶ ପ୍ରମୁଖ ବିଚାରପତି ଭାବେ ରହି ମୂଲ୍ୟାୟନ କରିଥିଲେ। ସଦର ବ୍ଲକ ସମ୍ପାଦକ ଲିଙ୍ଗରାଜ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।




# ତାରେଣୀ ପ୍ରସାଦ, ସୋଫିଆ ଚାମ୍ପିୟନ

**ଢେଙ୍କାନାଳ,୨୦।୧୨(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ ଓଡ଼ିଶା ଆନୁକୂଲ୍ୟରେ ମହିଳା ଓ ପୁରୁଷ ବିଭାଗରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗ ସିଙ୍ଗଲ୍ସରେ ତାରେଣୀ ପ୍ରସାଦ ମାଝି ଚାମ୍ପିୟନ, ସ୍ୱସ୍ତିସ୍ୱରୂପ ରନର୍ସଅପ୍ ହୋଇଥିଲେ। ଡବଲ୍ସରେ ତାରେଣୀ ପ୍ରସାଦ ମାଝି ଓ ବ୍ରିଜେଶ ମିଶ୍ର ଚାମ୍ପିୟନ ହୋଇଥିବା ବେଳେ ସାଇ ଆଦିତ୍ୟ ଓ ସୌମ୍ୟଜିତ ଦାସ ରନର୍ସଅପ୍ ହୋଇଥିଲେ। ମହିଳା ବିଭାଗ ସିଙ୍ଗଲ୍ସରେ ସୋଫିଆ ବରାଳ ଚାମ୍ପିୟନ, ଲକ୍ଷ୍ମୀପ୍ରିୟା ଲେଙ୍କା ରନର୍ସଅପ ହୋଇଥିଲେ। ଡବଲ୍ସରେ ଅଞ୍ଜଳି ସିଂ ଓ ସ୍ୱାତି ସୁଚରିତା ଯୋଡ଼ି ଚାମ୍ପିୟନ ହୋଇଥିବା ବେଳେ ଇତିଶ୍ରୀ ସେଠୀ ଓ ସ୍ନେହ ସିଂହ ଯୋଡ଼ି ରନର୍ସଅପ୍ ହୋଇଥିଲେ। ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ନୋଡାଲ ଅଧିକାରୀ ଡ. ଅମୃତ ସେଠ, ଯୁକ୍ତ୩ କ୍ରୀଡ଼ା କାର୍ଯ୍ୟକ୍ରମ ମୁଖ୍ୟ ତପନ କୁମାର ସେଠୀ ଓ ଡ. ଅଦ୍ୱୈତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ସମାଜ ଗଠନ ଆହ୍ୱାନ



ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ଅଭିଯାନ।

**ଢେଙ୍କାନାଳ,୨୦।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଆ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ବିଭାଗ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚେସ୍, କ୍ୟାରମ ପ୍ରତିଯୋଗିତା କରାଯାଇଥିଲା। ପରେ ପ୍ଲାଷ୍ଟିକମୁକ୍ତ ଜନ ସଚେତନତା ଶୋଭାଯାତ୍ରା କଲେଜ ପରିସରରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। କଲେଜ ଅଧ୍ୟକ୍ଷ ଧରଣୀଧର ବାରିକ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ଲାଷ୍ଟିକକୁ ନା ଏବଂ ପ୍ଲାଷ୍ଟିକମୁକ୍ତ ସମାଜ ଗଠନ କରିବାକୁ ପ୍ଲାକାର୍ଡ ଧରି ସ୍ଲୋଗାନମାନେ ଦେଇ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡା ଓ ଶଶଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହିତ ଝୋଟି, ମେହେନ୍ଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ସାଂସ୍କୃତିକ ବିଭାଗ ଅଧିକାରୀ ଧରଣୀଧର ସେଠୀ, ପ୍ରାଧ୍ୟାପକ କୀର୍ତ୍ତି କୌଶିକ ପଣ୍ଡା, ଅନିଲ କୁମାର ପଣ୍ଡା, ସୁଜିତ କୁମାର ସାମଲ, ପରିମିତା ନାୟକ, ଭାରତୀ ବେହେରା, ଅନିତା ଦାସ, ପଲିଶ୍ରୀ ମିଶ୍ର, ଶୁଭଶ୍ରୀ ରାଉତ, ପ୍ରଜ୍ଞା ପରିମିତାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା

**କାମାକ୍ଷାନଗର,୨୦।୧୨(ଅମଜାଦ ଖାନ)**

କଙ୍କଡ଼ାହାଡ଼ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଙ୍କଡ଼ାହାଡ଼ଠାରେ କାମାକ୍ଷାନଗର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଙ୍କଡ଼ାହାଡ଼ ଶିଶୁ ବିଦ୍ୟା ମନ୍ଦିରର ସଭାପତି ପାଣ୍ଡ ଚରଣ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାମାକ୍ଷାନଗର ସଙ୍କୁଳ ସଂଯୋଜକ ଗୌର ଚନ୍ଦ୍ର ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡାର ଲକ୍ଷ୍ୟ ଓ ତାହାର ଉପକାରିତା ଉପରେ ମାର୍ଗଦର୍ଶନ କରାଇଥିଲେ। ଏଥିରେ ୯ଟି ଶିଶୁ ବିଦ୍ୟାମନ୍ଦିରର ୭୮ଜଣ ଭାଇ ଭଉଣୀ ଭାଗ ନେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ତହସିଲଦାର ସୌଦାମିନୀ ନାୟକ, ମୁଖ୍ୟବକ୍ତା ଭାବେ କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ କୁମାର ସାହୁ ଯୋଗ ଦେଇଥିଲେ। କଙ୍କଡ଼ାହାଡ଼ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଙ୍କୁଳସ୍ତରୀୟ ସମସ୍ତ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଗୁରୁମା, କଙ୍କଡ଼ାହାଡ଼ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।




# ସହଯୋଗିତା ଓ ସହଭାଗିତା ଆଣିଦିଏ କ୍ରୀଡ଼ା

**ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)**

କିଶୋରନଗର ଉଚ୍ଚବିଦ୍ୟାଳୟର ୫୨ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ବାମୁର ରେଞ୍ଜ ଅଫିସର ସରୋଜ ମିଶ୍ର, ସମ୍ମାନିତ ଅତିଥି ଭାବେ ଧଉରାପାଲି ସରପଞ୍ଚ ସଞ୍ଜିତ ସାହୁ ଯୋଗଦେଇ ସହଯୋଗିତା ଓ ସହଭାଗିତାର ଭାବ ହିଁ କ୍ରୀଡା ଆଣିଦିଏ ବୋଲି ମତବ୍ୟକ୍ତ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ଭୈରବ ଦେହୁରୀ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ବିନାୟକ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁନୀଲ ଦଳାଇ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ଦେହୁରୀ ଓ ଚିତ୍ତରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବିଭାଗରେ ଆଞ୍ଜେଲ ରାଉଳ ଓ ଚନ୍ଦନ ବେହେରା ଏବଂ ବରିଷ୍ଠ ବିଭାଗରେ ଅର୍ଚ୍ଚିତା ସାହୁ ଓ ବିଶ୍ୱରଞ୍ଜନ ପ୍ରଧାନ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଶିକ୍ଷକ ଜାଗ୍ରତ ସ୍ୱାଇଁ, ହେମନ୍ତ ପ୍ରଧାନ, ପ୍ରସନ୍ନ ପ୍ରଧାନ, ଶିକ୍ଷୟିତ୍ରୀ ସୋମାଞ୍ଜଳି ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ପ୍ରମୋଦିନୀ ପ୍ରଧାନ, ଚିନ୍ମୟୀ ମହାପାତ୍ର, ଶୁଭଲକ୍ଷ୍ମୀ ସାହୁ, ହେମା ଦେଇ, ମଞ୍ଜୁ କଅଁର, ପଙ୍କଜିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶିଶୁଙ୍କୁ ଭଲ ମଣିଷ କରି ଗଢ଼ି ତୋଳ

**କଣିହାଁ,୨୦।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ ଯୋଗଦେଇ ମା'ମାନେ ନିଜ ଶିଶୁଙ୍କୁ ସମାଜରେ ବଡ଼ ମଣିଷ ଅପକ୍ଷା ଜଣେ ଭଲ ମଣିଷ କରି ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗ ଦର୍ଶନ ମଣ୍ଡଳୀ ସଦସ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ, ସମ୍ମାନିତ ଅତିଥି ଭାବେ ଓଏଚ୍‌ପିସି ଜିଏମ (ସାଧାରଣ ପରିଚାଳକ) ସରୋଜ କୁମାର ବହିଦାର ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ରାଜେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।



# ଭଲି ଟୁର୍ନାମେଣ୍ଟ: ପଥରମୁଣ୍ଡା ଚାମ୍ପିୟନ

**କଣିହାଁ,୨୦।୧୨ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମ ଖେଳ ପଡ଼ିଆରେ ୪ର୍ଥ କଂସମୁଣ୍ଡା କପ୍ ଭଲି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଦେବଦତ୍ତ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଶିବପ୍ରସାଦ ରାଉତ, ମାଧବ ପ୍ରଧାନ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ପଥରମୁଣ୍ଡା ଓ ଟାଟା ଷ୍ଟିଲ ଦଳ ମଧ୍ୟରେ ଖେଳାଯାଇଥିଲା। ଦୁଇ ସେଟ୍‌ରେ ପଥରମୁଣ୍ଡା ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ କଣିହାଁ କୋଇଲା ଖଣି ଜିଏମ୍ କିଶୋର କୁମାର ରାଉଳ, ପ୍ରୋଜେକ୍ଟ ଅଫିସର ଏନ.ପି. ପାତ୍ର, ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ପଥରମୁଣ୍ଡା ଓ ରନର୍ସ ଅପ ଟାଟାଷ୍ଟିଲ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ। ରେଫରି ୟୁକେ ଗଡ଼ନାୟକ, ତପନ ପ୍ରଧାନ, ଅନିଲ ପ୍ରଧାନ ଖେଳ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ସରନ୍ତି ଶକ୍ତିର ଠିକ୍ ବ୍ୟବହାର ଉପରେ ଗୁରୁତ୍ୱ

**ଅନୁଗୋଳ,୨୦।୧୨ (ଅମିତ କୁମାର ସାମଲ)**

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟ ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି (ନିୟୁଜ) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସରନ୍ତି ଶକ୍ତିର ଠିକ୍ ବ୍ୟବହାର ଓ ସୁପରିଚାଳନା ପାଇଁ ପରାମର୍ଶ ଦିଆଯାଇଥିଲା। ପବନଶକ୍ତି ଓ ସୌରଶକ୍ତି ଚାଳିତ ଯାନବାହନ, ଯନ୍ତ୍ରପାତି, କୃଷି ଉପକରଣ ବ୍ୟବହାରକୁ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସିଏସ୍‌ଆର୍‌ପିପିସିଓଡିଏଲ ସୌରଭ ଦେବଦର୍ଶୀ, ନିୟୁଜ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଗଗନ ବିହାରୀ ପ୍ରଧାନ, ବାବିନ୍ଦ୍ର କୁମାର ନହରା, ସୁଶ୍ରୀ ମେହେକ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। ଚନ୍ଦନ କୁମାର ନାଏକ, ପ୍ରିୟବ୍ରତ ବେହେରା ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରିଥିଲେ।

# ଶିଶୁଙ୍କୁ ଭଲ ବ୍ୟବହାର ଶିଖାଅ

**ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)**

ପରିବାରରୁ ଶିଶୁମାନେ ପ୍ରଥମେ ବ୍ୟବହାର ଶିଖିଥାନ୍ତି। ତେଣୁ ବିଦ୍ୟାଳୟ ପଠାଇବା ପୂର୍ବରୁ ଶିଶୁଙ୍କୁ ଭଲ ବ୍ୟବହାର ଶିଖାଇବା ଉପରେ ଜେଜେ ବାପା ଓ ଜେଜେ ମା'ମାନେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିରରେ ଅନୁଷ୍ଠିତ ଜେଜେ ମା' ଜେଜେ ବାପା ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଯଜ୍ଞେଶ୍ୱର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗଣପତି ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ଡ. କୁଞ୍ଜବିହାରୀ ଗଡ଼ନାୟକ, ସଚିଦାନନ୍ଦ ସାହୁ, ଗୌରୀ ଶତପଥୀ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ ପରିଚାଳନା କରିଥିବାବେଳେ ସୁମତି ପ୍ରଧାନ, ଅନ୍ନପୂର୍ଣ୍ଣା ରାଉତ, ଇତିଶ୍ରୀ ସାହୁ, ବିନିତା ପ୍ରଧାନ, ପ୍ରମୋଦିନୀ ପ୍ରଧାନ, ଗୋଲାପ ସ୍ୱାଇଁ, ନିରୁପମା ବାରିକ, ରମାକାନ୍ତ ସାହୁ, ବାପୁଜୀ ଦେହୁରି, ବୁଲୁପ୍ରସାଦ ସାହୁ ସହଯୋଗ କରିଥିଲେ।



# ନୂତନଙ୍କୁ ସ୍ୱାଗତ, ଅବସରପ୍ରାପ୍ତଙ୍କୁ ବିଦାୟ ସମ୍ବର୍ଦ୍ଧନା

**କଣିହାଁ,୨୦।୧୨ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ଏକ କାର୍ଯ୍ୟକ୍ରମ ଗୋଡ଼ିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫୦ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ନନ୍ଦଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷାବିତ୍ ରାଜକିଶୋର ସାହୁ ମୁଖ୍ୟ ବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୁଶ୍ରୀ ଶିଳ୍ପୀ ଦେ, ସରପଞ୍ଚ ଦୀପ୍ତିମୟୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ, କର୍ମଚାରୀଙ୍କୁ ସ୍ୱାଗତ ଓ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଶୁଭାଶିଷ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ମଳୟ ଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ। କୋର୍ କମିଟି ସଦସ୍ୟ ସହଯୋଗ କରିଥିଲେ।

# ଠାକୁରଗଡ଼ କଲେଜରେ ଯୋଗ ଶିବିର

**ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରେ ଥିବା ଖୋଲପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ, ପ୍ରଶ୍ନ କୁମାର ମହାରଣା, ସ୍ନେହଲତା ପ୍ରଧାନ, ଅମିତ ସାହୁ, ସନ୍ତୋଷୀ ସାହୁ, ଚକ୍ରଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଯୋଗ ଗୁରୁ ମେଘନାଦ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ଯୋଗ କରିବେ ସେ ସମ୍ପର୍କରେ ପରାମର୍ଶ ଦେବା ସହ ବିଭିନ୍ନ ପ୍ରକାର ଯୋଗ ଶିକ୍ଷାଇଥିଲେ। ଏଥିରେ ବିଦ୍ୟାଳୟର ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



# ତ୍ରିରଙ୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



**କଣିହାଁ,୨୦।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଡେରଙ୍ଗ ଗ୍ରାମ ମଝିସାହି ଠାରେ ତ୍ରିରଙ୍ଗା କ୍ରିକେଟ କ୍ଲବର ୨୬ତମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, ଜେଆଇଟିପିଏଲ ପ୍ରକଳ୍ପ ଅଧିକାରୀ ନିଶିକାନ୍ତ ପଣ୍ଡା, ଡେରଙ୍ଗ ସରପଞ୍ଚ ସଂଯୁକ୍ତା ବେହେରା, ସମିତି ସଭ୍ୟ ସନ୍ତୋଷ ନାଏକ, ଗ୍ରାମ ସଭାପତି ଦିଲୀପ ବେହେରା, କ୍ଲବ ପ୍ରତିଷ୍ଠାତା ପବିତ୍ରମୋହନ ସାହୁ, ବିଚ୍ଛନ୍ଦଚରଣ ସାହୁ, ସାମାଜିକ କର୍ମୀ ବୁଲୁ ସାହୁ, ସୁମନ୍ତ ମହାନ୍ତି, ସୁରେଶ ସାହୁ, ଟିକନ ମହାନ୍ତି, ପୁରୁଷୋତ୍ତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ତରଫରୁ ଅନିଲ ସାହୁଙ୍କ ନେତୃତ୍ୱରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି।

# ବାସନ୍ତୀ ଭଲିବଲ ଟ୍ରଷ୍ଟ ଚାମ୍ପିୟନ

**ଛେଣ୍ଡିପଦା,୨୦।୧୨(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କସିଡିହ ବାଜିରାଉତ କ୍ଲବ ଆନୁକୂଲ୍ୟରେ କସିଡ଼ିହଠାରେ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଛେଣ୍ଡିପଦାକୁ ୨-୦ ସେଟ୍‌ରେ ପରାସ୍ତ କରି ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ଚାମ୍ପିୟନ ହୋଇଛି। ଅତିଥି ଭାବେ ସାମାଜିକ କର୍ମୀ ସୁକାନ୍ତ ବାଘ, ଯୁବ ସଙ୍ଗଠକ ଗୁଟୁ ବାଘ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପୂର୍ବାହ୍ନରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ନାଏକ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଧଳ, ବିଜଳାନନ୍ଦ ଦେହୁରୀ, ସାମାଜିକ କର୍ମୀ ଗୋବିନ୍ଦା ସାହୁ ପ୍ରମୁଖ ଯୋଗ ଦେଇଥିଲେ। କସିଡ଼ିହ ଟିମ ମ୍ୟାନେଜର ଭାଗବତ ସାହୁ, ଗ୍ରାମ୍ୟ କମିଟି ସଭାପତି ଅଭିରାମ ପ୍ରଧାନ, ସମ୍ପାଦକ ଅଶୂଳ ପ୍ରଧାନ ପରିଚାଳନା କରିଥିଲେ।


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ପ୍ରତିଯୋଗିତାରେ ୮୦ ଛାତ୍ରୀଛାତ୍ର

**ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଶିଶୁ ବାଟିକାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ବିନିତା ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟର ୮୦ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଅନ୍ନପୂର୍ଣ୍ଣା ରାଉତ ପରିଚାଳନା କରିଥିଲେ। ମୀନାକ୍ଷୀ ପ୍ରଧାନ, ରତ୍ନ ମଞ୍ଜରୀ ସାହୁ, ରିତା ନାୟକ ସହଯୋଗ କରିଥିଲେ।



# ନିଶା ନିବାରଣ ନେଇ ସଚେତନତା




**ତାଳଚେର,୨୦।୧୨(ମନୋଜ ନନ୍ଦ)**

ତାଳଚେର ସାଉଥ ବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ କଲୋନୀଠାରେ ଏକ ସଚେତନତା ନାଟକ ପରିବେଷଣ କରାଯାଇଥିଲା। ବଲଣ୍ଡା ଶିବ ମନ୍ଦିରରେ ସଫେଇ କରାଯାଇଥିଲା। ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଗୋଳ ଜିଲା ଲାୟନ୍ସ କ୍ଲବ ସମ୍ପାଦକ ତ୍ରୈଲୋକ୍ୟ ନାଥ ଦେହୁରୀ, ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ କ୍ଷୀରୋଦ ସାହୁ, ନୋଡାଲ ଅଫିସର ଡ. ତନୁଜା ପାତ୍ର, ସାମାଜିକ କାର୍ଯ୍ୟକ୍ରମ ଅଧିକାରୀ ବିଶିଷ୍ଟ ସାହୁ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ଡେଣ୍ଟୁଲୋଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବାଳିକା ଶିକ୍ଷା ଓ ଅଧିକାର ସଚେତନତା ସମ୍ମିଳନୀରେ ସରକାରୀ ଜନ କଲ୍ୟାଣକାରୀ ଯୋଜନାଗୁଡିକ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ରୀତାରାଣୀ ଦାସ, ଡେଣ୍ଟୁଲେଇ ସରପଞ୍ଚ ସୁରେଶ ଚନ୍ଦ୍ର ବେହେରା, ସମିତିସଭ୍ୟ ଦୟାନିଧି ବେହେରା, କୁମୁଣ୍ଡା ସରପଞ୍ଚ ବବିତା ସେଠ, ବିପିଏମ୍ ମାନସୀ ରାଉତ, ଅନ୍ୟତମ ବକ୍ତା ଭାବେ ସାମାଜିକ କର୍ମୀ ମନୋଜ ମହାପାତ୍ର ଯୋଗ ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ସସ୍ମିତା ନନ୍ଦ ଧନ୍ୟବାଦ ଦେଇଥିଲେ।

# ଶାରୀରିକ ବିକାଶ ପାଇଁ କ୍ରୀଡ଼ା ଆବଶ୍ୟକ

**କଣିହାଁ,୨୦।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଯୋଜନା ଉଚ୍ଚ ବିଦ୍ୟାଳୟ ଓ ଯୋଜନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଙ୍ଗାଳି ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରୀରିକ ବିକାଶ ପାଇଁ କ୍ରୀଡା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷକ ଗିରିଧାରୀ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ବନ୍ଧ ଯୋଜନା ଉପଖଣ୍ଡ ଅଧିକାରୀ ଶଙ୍କରାନନ୍ଦ ରଣା, ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ଦାସମାତ ମୁର୍ମୁ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ ପ୍ରଧାନ, ମୋ ବିଦ୍ୟାଳୟ ସଭାପତି ଶଶି ଶେଖର ସିଂ, ସିଆରସିସି ପରମାନନ୍ଦ ସାମଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟିକନ ବିଶି ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ସନ୍ତୋଷ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ବଳରାମ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ସୋସିଆଲ ୱାର୍କ ଆକ୍ଟିଭିଟିଜରେ ଯୋଗ ଶିବିର

**କାମାକ୍ଷାନଗର,୨୦।୧୨(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପଣ୍ଡୁଆସ୍ଥିତ ପରିମାଳ ମହାବିଦ୍ୟାଳୟରେ ସରକାରଙ୍କ ସୋସିଆଲ ୱାର୍କ ଆକ୍ଟିଭିଟିଜ ଓ ହେଲଥ ଲାଇଫ ଷ୍ଟାଇଲ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦିଆଯାଇଛି। ବରିଷ୍ଠ ଯୋଗ ଶିକ୍ଷକ ନିର୍ମଳ ଚନ୍ଦ୍ର ସାହୁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାରର ଯୋଗ ଅଭ୍ୟାସ କରାଇବା ସହିତ ତାର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



